# ଜଙ୍ଗଲରେ ଚୋରା ଦେଶୀ ମଦ କାରଖାନା ଠାବ

### ମହୁଲପୋଚ ସହ ରନ୍ଧା ମଦ, ପ୍ରସ୍ତୁତି ସାମଗ୍ରୀ ଜବତ



ବେତନଟୀ, ୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ବଡ଼ସାହି ଥାନା ଅଧୀନ ଅସ୍ତଝରଣ ଓ କମଳାଶୋଳ ଅଞ୍ଚଳର ଜଙ୍ଗଲିଆ ସ୍ଥାନରେ ଚାଲୁଥିବା ଚୋରା ଦେଶୀ ମଦ କାରଖାନା ଉପରେ ଚଢ଼ଉ କରି ବିପୁଳ ପରିମାଣର ମହୁଲପୋଚ, ରନ୍ଧା ମଦ ଏବଂ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା, ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି ଏବଂ ଉଦଳା, ଖୁଣ୍ଟା, ବେତନଟୀ ଅବକାରୀ ଟିମ୍ ସହ ସଶସ୍ତ୍ର ପୁଲିସ ଫୋର୍ସର ସହାୟତାରେ ଏହି ମିଳିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ମଦ ମାଫିଆ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ।

ଅବକାରୀ ଟିମ୍ ଅସ୍ତଝରଣରୁ ପ୍ରାୟ ୪, ୮୦୦ କେଜି ମହୁଲପୋଚ ଏବଂ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ୪୨୦ ଲିଟର ରନ୍ଧା ମଦ ଜବତ କରିଥିବା ବେଳେ କମଳାଶୋଳ ଅଞ୍ଚଳରୁ ୩, ୯୦୦ କେଜି ମହୁଲପୋଚ ଏବଂ ୩୮୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ଦୁଇଟି ସ୍ଥାନରୁ ସର୍ବମୋଟ ୮, ୭୦୦ କେଜି ମହୁଲପୋଚ ଏବଂ ୮୦୦ ଲିଟର ରନ୍ଧା ମଦ ଜବତ ହୋଇଛି। ଏହା ସହିତ ଉଭୟ ଚୋରା କାରଖାନାରୁ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ କରାଯାଇ ନଷ୍ଟ କରାଯାଇଛି। କିଛି ପ୍ଲାଷ୍ଟିକ୍ ଡ୍ରମ୍ ଏବଂ ଆଲୁମିନିୟମ୍ ଡେକଚି ଭଳି ସରଞ୍ଜାମଗୁଡ଼ିକୁ ଅବକାରୀ କାର୍ଯ୍ୟାଳୟକୁ ଆଣି ରଖାଯାଇଛି। ବେତନଟୀ ଅବକାରୀ ଥାନା ପକ୍ଷରୁ ଏହି ଘଟଣାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଜଙ୍ଗଲ ଅଞ୍ଚଳରେ ଚୋରା ମଦ କାରଖାନା ଚାଲୁଥିବା ବିଷୟରେ ପୁନଃ ସତର୍କତା ଜାରି କରାଯାଇଛି। ଏହି ପ୍ରକାର ଚଢ଼ଉ ଜିଲ୍ଲାରେ ଅବକାରୀ ନିୟମ ଉଲ୍ଲଙ୍ଘନ ଏବଂ ଅବୈଧ ମଦ ବ୍ୟବସାୟର ବିରୋଧରେ ପ୍ରଶାସନର କଠୋର ଆଭିମୁଖ୍ୟର ପ୍ରତୀକ ବୋଲି ମତପ୍ରକାଶ ପାଇଛି।

# ଭେଜିଡିହା ଅଞ୍ଚଳରେ କାମ କରୁନି ମୋବାଇଲ ନେଟ୍‌ୱର୍କ

ଶରତ, ୧୩।୫(ସମିସ): କପ୍ତିପଦା ବ୍ଲକ ମଝିଗୋଡ଼ିଆ ଗ୍ରାମପଞ୍ଚାୟତର ଭେଜିଡିହା, ଚରଣସାହି, ଯଦୁସାହି, ମୁଣ୍ଡେସାହି, ଅଠରବାଙ୍କ, ମାରାଆଗୁଟୁ, ଜେଙ୍ଗେଡ଼ାସାହି, ପୁଦୁସାହି, ସ୍କୁଲ ସାହି, କିଣ୍ଡୁଗାଳାସାହି, ଡାଙ୍ଗରଚୁଆ, ମରା ସାହି, ଗମାସାହି ଏବଂ ରାଇକଡଚୁଆ ପ୍ରଭୃତି ଗ୍ରାମରେ ମୋବାଇଲ ନେଟୱର୍କ କାମ କରୁନାହିଁ। କିଛି କିଛି ସ୍ଥାନରେ ନେଟୱର୍କ ଆସୁଥିଲେ ମଧ୍ୟ ତାହା ଅତ୍ୟନ୍ତ ଦୁର୍ବଳ। ଦୁର୍ବଳ ନେଟୱର୍କ ଯୋଗୁଁ ଅଞ୍ଚଳବାସୀ ଫୋନ କଲ କରିବା, ଇଣ୍ଟରନେଟ ସେବା, ଡିଜିଟାଲ ପେମେଣ୍ଟ ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅନଲାଇନ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଅନଲାଇନ୍ କ୍ଲାସରେ ଯୋଗଦେଇ ନ ପାରିବା ଭଳି ସମସ୍ୟା ମଧ୍ୟ ଭୋଗୁଛନ୍ତି। ଅଙ୍ଗନବାଡ଼ି କର୍ମୀ(ଦିଦି)ମାନେ ପୋଷଣ ଟ୍ରାକର ଆପ୍‌ରେ ଗର୍ଭବତୀ ମହିଳା, ପ୍ରସୂତି ଏବଂ ପ୍ରାକ-ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କ ତଥ୍ୟ ପୂରଣ କରିବା କାର୍ଯ୍ୟରେ ଅହେତୁକ ସମସ୍ୟା ସାମ୍ନା କରୁଛନ୍ତି। ଭେଜିଡିହା ଅଞ୍ଚଳର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେଠାରେ ମୋବାଇଲ ଟାୱାର ବସାଯିବାକୁ ଭେଜିଡିହା ଅଞ୍ଚଳର ବିଦ୍ୟାଧର ଗାଗାରାଇ, ସୋମନାଥ ହୋ, ବେଲମଣି ତିୟୁ, ଦୁଲୁରାମ ହୋ, ଦେବେନ୍ଦ୍ରନାଥ ମୁନ୍ଦୁୟା, ମନୋରଞ୍ଜନ ଗୋଇପାଇ, ନରସିଂ ହୋ, ସୁରେନ୍ଦ୍ର ହୋ, ଗଣେଶ୍ୱର ସିଂହ ପ୍ରମୁଖ ଦାବି କରିଛନ୍ତି।




ଏହି ସମସ୍ୟା ପ୍ରତି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ଡ୍ରେନ୍, ରାସ୍ତା ଓ ପାନୀୟ ଜଳ ସମସ୍ୟା ନେଇ ରାସ୍ତାରୋକ



କରଞ୍ଜିଆ, ୧୩।୫(ସମିସ): କରଞ୍ଜିଆସ୍ଥିତ ମଣ୍ଡୁଆ ଅଞ୍ଚଳରେ ଆଜି ତିନୋଟି ମୁଖ୍ୟ ସମସ୍ୟାକୁ ନେଇ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ରାସ୍ତା ରୋକ ଏବଂ ଆନ୍ଦୋଳନ କରାଯାଇଥିଲା। ଅଞ୍ଚଳରେ ଦୀର୍ଘଦିନ ଧରି ଡ୍ରେନ୍‌ରେ ଅଳିଆ ଆବର୍ଜନା ଜମା ହୋଇ ରହିଥିବା, ରାସ୍ତା ନିର୍ମାଣ ହୋଇନଥିବା ଏବଂ ପାନୀୟ ଜଳ ସମସ୍ୟାକୁ ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆନ୍ଦୋଳନ ସମ୍ପର୍କରେ ଖବର ପାଇ ପୁଲିସ ପ୍ରଶାସନ ଓ ସମ୍ପର୍କିତ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିଥିଲେ। ପରେ ସ୍ଥାନୀୟ ବାସିନ୍ଦା, ପୁଲିସ ପ୍ରଶାସନ ଓ ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ସ୍ଥାନୀୟ ଲୋକମାନେ ତାଙ୍କର ମୌଳିକ ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ଅଧିକାରୀମାନେ ମଧ୍ୟ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଆନ୍ଦୋଳନ ଶାନ୍ତ ହୋଇଥିବା ଦେଖା ଯାଇଛି।

# ରାସ୍ତା କଡ଼ରେ ଶୁଖିଲା ଗଛ, ପଥଚାରୀଙ୍କୁ ବିପଦ



କୁଆମରା, ୧୩।୫(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା-ଜୟପୁର ମୁଖ୍ୟ ରାସ୍ତାର ଶୀଳଘାଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଚେରୀକୁ ଲାଗି ଏକ ଶୁଖିଲା ଥୁଣ୍ଟା ଗଛଟି ବହୁଦିନ ଧରି ବିପଦକୁ ଡାକୁଛି। ଦୁଇବର୍ଷ ହେବ ଗଛ ମରିଯାଇଥିଲେ ମଧ୍ୟ ସେପ୍ରତି କାହାର ଧ୍ୟାନ ନାହିଁ। ଥୁଣ୍ଟା ଗଛର ପୂର୍ବ ଭାଗକୁ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଓ ଅନ୍ୟପଟେ ପଶ୍ଚିମ ଭାଗରେ ମୁଖ୍ୟ ରାସ୍ତା ରହିଛି। ମୁଖ୍ୟ ରାସ୍ତାରେ ସଦାସର୍ବଦା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ମଧ୍ୟ ରୋଗୀ ଯାଉଛନ୍ତି। କେତେବେଳେ ବିପଦ କାହା ଉପରେ ଆସିବ, ତାହା କହି ହେବ ନାହିଁ। ଏହି ରାସ୍ତା ଦେଇ ବ୍ଲକ କର୍ତ୍ତୃପକ୍ଷ, ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀ ଯା'ଆସ କରୁଛନ୍ତି। ମାତ୍ର ଏଥିପ୍ରତି କାହାରି ନିଘା ନାହିଁ। ତେବେ କିଛି ଅଘଟଣ ଘଟିବା ପୂର୍ବରୁ ଅଦରକାରୀ ଥୁଣ୍ଟା ମଳା ଗଛକୁ ହଟାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶୀର୍ଷାପାଳ-ଚିତ୍ରଡ଼ା ରାସ୍ତାରେ ମାଲମାଲ ଗୋରୁ

# ବୁଲା ଗାଈଗୋରୁଙ୍କ ପାଇଁ ଘଟୁଛି ଦୁର୍ଘଟଣା



ମୋରଡା, ୧୩।୫(ସମିସ): ଚିତ୍ରଡା ଅଞ୍ଚଳରେ ବୁଲା ଗାଈଗୋରୁ ରାସ୍ତା ଉପରେ ଶୋଇ ରହୁଥିବାରୁ ଅନେକ ସମୟରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ତେବେ ଶୀର୍ଷାପାଳ ଛକରୁ ମୋରଡା ରାସ୍ତାର ସପ୍ଲାଇ ଛକ, କଲେଜ ଛକ, ଚିତ୍ରଡା ବସଷ୍ଟାଣ୍ଡ ଓ ୬୧ ନମ୍ବର ରାଜ୍ୟ ରାଜପଥର ଜଗନ୍ନାଥ ମନ୍ଦିର ସମ୍ମୁଖ, ପୁରୁଣାପାଣି ଛକରେ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ମ୍ୟୁନିସିପାଲଟି ଅଞ୍ଚଳରେ ବୁଲା ଗାଈଗୋରୁ, ଷଣ୍ଢ ଓ କୁକୁରଙ୍କୁ ରାସ୍ତାରୁ ହଟାଇବାକୁ ନିର୍ଦ୍ଦେଶ ଓ ବ୍ୟବସ୍ଥା ଥିବାବେଳେ ଗ୍ରାମାଞ୍ଚଳରେ କୌଣସି ବ୍ୟବସ୍ଥା ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଅନ୍ତର୍ଜାତୀୟ ସେବିକା ଦିବସ



କରଞ୍ଜିଆ, ୧୩।୫(ସମିସ) : କରଞ୍ଜିଆ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଆଜି ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଛି। ବିଶ୍ୱ ପ୍ରସିଦ୍ଧ ସେବିକା ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ଜନ୍ମଦିନ ମେ' ୧୨ ତାରିଖକୁ ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ସେବିକା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା 'ଆମ ସେବିକା, ଆମ ଭବିଷ୍ୟତ : ସେବିକାମାନଙ୍କୁ ସଶକ୍ତ କରି ଜୀବନ ରକ୍ଷା'। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ନର୍ସିଂ ସିଷ୍ଟର ଅହଲ୍ୟା ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ନଗେନ୍ଦ୍ର ନାଥ ମହାପାତ୍ର ଯୋଗଦେଇ ସେବିକାମାନଙ୍କ ନିଷ୍ଠା, ସେବାଭାବ ଓ ରୋଗୀ ସେବାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଡାକ୍ତର ଅନିତା ସିଂ, ଡାକ୍ତର ସମୀର ରଞ୍ଜନ ବେହେରା ଓ ଡାକ୍ତର ଗୌରାଙ୍ଗ ଚରଣ ନାୟକ ଯୋଗଦେଇ ନର୍ସିଂ ଦିବସର ଗୁରୁତ୍ୱ ଓ ସେବିକାମାନଙ୍କ ସମାଜ ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ମୁଖ୍ୟ ନର୍ସିଂ ସିଷ୍ଟର ସବିତା ମହାନ୍ତି ଉପସ୍ଥିତ ରହି ସେବିକା ଦିବସର ସ୍ୱାତନ୍ତ୍ରତା ଓ ଏହାର ଆଭିମୁଖ୍ୟ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ପରେ ସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ କିଛି ଶ୍ରେଷ୍ଠ ସେବିକାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତ ସେବିକା ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା ପାଇଁ ଶପଥ ପାଠ କରିଥିଲେ।

# ବଡ଼ସାହିରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠାରେ ବିଳମ୍ବ

ବାରିପଦା/ବଡ଼ସାହି, ୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହିରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନେଇ ଦୀର୍ଘ ଦିନର ଦାବି ଜୋର ଧରିଛି। ସରକାରୀ ଘୋଷଣାର ୩ ବର୍ଷ ପରେ ମଧ୍ୟ କୋର୍ଟ କାର୍ଯ୍ୟକ୍ଷମ ହୋଇ ନଥିବାରୁ ସ୍ଥାନୀୟ ପ୍ରେସ କ୍ଲବ ଏବଂ ଜନସାଧାରଣଙ୍କ ପକ୍ଷରୁ ବୁଧବାର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଗତ ୨୦୨୩ ମସିହା ଜୁଲାଇ ମାସରେ ବଡ଼ସାହି ବ୍ଲକରେ ଏହି କୋର୍ଟ ଖୋଲିବାକୁ ସରକାରୀ ଭାବେ ଘୋଷଣା କରାଯାଇଥିଲା। କୋର୍ଟ ନିମନ୍ତେ ଆବଶ୍ୟକ ୩ ଏକର ପରିମିତ ସ୍ଥାନ ଚିହ୍ନଟ କରିବା ପାଇଁ ୨୦୨୩ ଜୁଲାଇ ମାସରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବାରିପଦା ଦୌରାଜଜ ମଧ୍ୟ ବଡ଼ସାହି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏହି ସ୍ଥାନ ଯାଞ୍ଚ କରି ଫେରିଥିଲେ। ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି କୋର୍ଟ ଅସ୍ଥାୟୀ ଭାବେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଣୁ ବ୍ଲକବାସୀଙ୍କ ସ୍ୱାର୍ଥ ଏବଂ ଆର୍ଥିକ ମାନଦଣ୍ଡକୁ ଦୃଷ୍ଟିରେ ରଖି ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଉପଯୁକ୍ତ ଗୃହରେ ତୁରନ୍ତ ଅସ୍ଥାୟୀ ଭାବେ କୋର୍ଟ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ପ୍ରେସ କ୍ଲବ ଦୃଢ଼ ଦାବି କରିଛି। ଯଦି ଏହି ଦାବି ପ୍ରତି ପ୍ରଶାସନ ପୁଣି ଅବହେଳା ପ୍ରଦର୍ଶନ କରେ, ତେବେ ବଡ଼ସାହି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନଙ୍କ ନେତୃତ୍ୱରେ ପ୍ରେସ କ୍ଲବ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ତେବେ ଏକ ମାସ ମଧ୍ୟରେ କୋର୍ଟ କାର୍ଯ୍ୟକ୍ଷମ ନେଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସ୍ମାରକପତ୍ର ପ୍ରଦାନ ସମୟରେ ମନୋଜ କୁମାର ପଣ୍ଡା, ଅମିୟ କୁମାର ବଳ, ନିହାର ରଞ୍ଜନ ମହାପାତ୍ର, ଅଜିତ ସେନାପତି, ନିରଞ୍ଜନ ମହାନ୍ତ, ସୁରେଶ ଚନ୍ଦ୍ର ପତି, ଦୀପକ କୁମାର ମହାନ୍ତଙ୍କ ସମେତ ଅନେକ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ।



■ ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘର ସ୍ମାରକପତ୍ର

# ତିନିଟି ଚୋରା ବାଲି ଟ୍ରାକ୍ଟର ଜବତ; ମାମଲା ରୁଜୁ



ରାସଗୋବିନ୍ଦପୁର, ୧୩।୫(ସମିସ): ରାସଗୋବିନ୍ଦପୁର ତହସିଲ ଦେବଶୋଳ ପଞ୍ଚାୟତରେ ବେଆଇନ ଭାବେ ଚାଲିଥିବା ମୂଷାମାରି ବାଲି ଖାଦାନ ଉପରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଅଚାନକ ଚଢ଼ଉ କରାଯାଇ ୩ ଟି ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ପରେ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ମାଇନିଙ୍ଗ ଅଫିସର ଭବାନୀ ଶଙ୍କର ପାତ୍ରଙ୍କୁ ହସ୍ତାନ୍ତର କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ, ମୂଷାମାରି ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ଚାଲିଥିବା ନେଇ ବିଭିନ୍ନ ଅଭିଯୋଗ ଆସୁଥିଲା। ଏହାକୁ ନେଇ ମାଇନିଙ୍ଗ ଅଫିସର ଭବାନୀ ଶଙ୍କର ପାତ୍ର ଟ୍ରାକ୍ଟର ମାଲିକମାନଙ୍କ ଉପରେ ଜରିମାନା ଲାଗୁ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ରାଶି ଆଦାୟ ନ ହେବାରୁ ମାଇନିଙ୍ଗ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇ ରାସଗୋବିନ୍ଦପୁର ଥାନାରେ ମାମଲା ରୁଜୁ କରାଯାଇଛି। ସୂଚନା ମୁତାବକ, ଅଞ୍ଚଳରେ ବେଆଇନ ବାଲି ଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ଉପେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି

# ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

ଶୁକୃଳି, ୧୩।୫(ସମିସ): ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟ, ରରୁଆଁର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ୨୨ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମନ୍ମଥ କୁମାର ମହାନ୍ତ ଉଦ୍‌ଘାଟନ କରିଥିଲେ। ୩୫ ଦିନର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଶୋଭା ଟ୍ରଷ୍ଟ ଦ୍ୱାରା ପରିଚାଳନା କରାଯିବା ସହିତ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶୋଭା ଟ୍ରଷ୍ଟର ଫାଉଣ୍ଡର ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ସେକ୍ରେଟାରୀ ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀ, ନୃତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ରଞ୍ଜନ କୁମାର ଦାଶ, ଅଧ୍ୟାପିକା ଜୀନାନା ଝାନ୍ସୀ ବେହେରା ପ୍ରଶିକ୍ଷକ ଭାବେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଡେମନଷ୍ଟ୍ରେଟର ପ୍ରଭାତ ରଞ୍ଜନ ଦାଶ ପିଲାଙ୍କୁ ମାର୍ଗ ଦର୍ଶନ କରୁଛନ୍ତି। ଶୋଭା ଟ୍ରଷ୍ଟର ଅନ୍ୟ ସଭ୍ୟ ସହଯୋଗ କରିଛନ୍ତି।

# ପାର୍ବତୀ ଦେବୀ ସ୍କୁଲ ଅଫ ନର୍ସିଂରେ ଅନ୍ତର୍ଜାତୀୟ ସେବିକା ଦିବସ

ବେତନଟୀ, ୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉଠାଣିସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପାର୍ବତୀ ଦେବୀ ସ୍କୁଲ ଅଫ୍ ନର୍ସିଂ ମହାବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଓ ୫୨ତମ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ହରି ନାରାୟଣ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବେତନଟୀ କଲେଜର ପୂର୍ବତନ ପ୍ରିନସିପାଲ ରମାକାନ୍ତ ସିଂ ସ୍ୱତନ୍ତ୍ର ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅରୁଣ କୁମାର ହୋତା ପ୍ରମୁଖ ଯୋଗଦାନ କରି ସେବିକା ଶିକ୍ଷାର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ସେବା ଓ ନିଷ୍ଠାର ପରାକାଷ୍ଠା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷ ହରି ନାରାୟଣ ଦାସ ଏବଂ ସ୍କୁଲର ଅଧ୍ୟାପକ ଦେବାଶିଷ ଓଝା, ଅଧ୍ୟାପିକା ଭଗ୍ୟସିନୀ ମହାନ୍ତ, ଦେବାଶିଷ ମଣ୍ଡଳ, ଲିସାଲିସ୍ମା ରାଉତ, ତ୍ରିଲୋଚନ ମହାନ୍ତ, ଯଶୋବନ୍ତ ଦାସ, ସୁନୀତା ଦଣ୍ଡପାଟ ପ୍ରମୁଖ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।

### ମିଳୁନି ପ୍ରୋତ୍ସାହନ

# ଦୁର୍ଲ୍ଲଭ ହେଲାଣି ଖଜୁରୀ ରସ ଓ ଗୁଡ଼

ବଡସାହି, ୧୩।୫(ସମିସ): କଥାରେ ଅଛି ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ତେବେ ଖଜୁରୀ କୋଳି, ଗୁଡ଼ ଓ ରସ (ତାଡ଼ି)ରେ ଭରପୂର ଓ୍ୟ÷ଷଧୀୟ ଗୁଣ ରହିଛି। ଏହା ପେଟ ଥଣ୍ଡା ରଖିବା ସହିତ ପେଟର ବହୁ ଦୂରାରୋଗ ଭଲ ହେବାରେ ସହାୟକ ହୋଇଥାଏ। ଖଜୁରୀ ରସରୁ ମଧ୍ୟ ଗୁଡ ପ୍ରସ୍ତୁତ ହୋଇଥାଏ। ପ୍ରୋତ୍ସାହନ ମିଳୁ ନ ଥିବାରୁ ବର୍ତ୍ତମାନ ଆଉ ଗୁଡ଼ ମିଳୁନାହିଁ। ଦିନ ଆସବ ଏସବୁ ଜିନିଷ ପାଟିରେ ମଧ୍ୟ ବାଜିବନି, ଏଥିରେ ସନ୍ଦେହ ନାହିଁ। ସାମ୍ପ୍ରତିକ ସମାଜରେ ଜୀବିକା ନିର୍ବାହ କରିବାର ଧାରା ବଦଳିଗଲାଣି। ଅଧିକ ପରିଶ୍ରମ ଅପେକ୍ଷା ଗ୍ରାମାଞ୍ଚଳର ଲୋକ କମ ପରିଶ୍ରମରେ କିପରି ଅଧିକ ରୋଜଗାର କରିବେ, ସେମାନଙ୍କ ମଧ୍ୟରେ ସେହି ନିଶା ଲାଗିଛି। ଖଜୁରୀ ଗଛ ଉପରେ ମାଠିଆ ବାନ୍ଧି ରସ ସଂଗ୍ରହ କରି ସେଥିରୁ ଗୁଡ଼ ପ୍ରସ୍ତୁତ କରିବାକୁ ଆଧୁନିକ ସମାଜରେ କେହି ପସନ୍ଦ କରୁନାହାନ୍ତି। ବଡ଼ସାହି ବ୍ଲକ ଅଞ୍ଚଳର ଯଦୁନାଥପୁର, ଗୁଡିଆଲବନ୍ଧ, ପାଉଁଶିଆ ଓ ଶିଆଳିଘାଟୀ ଆଦି ଅଞ୍ଚଳରେ ଖଜୁରୀ ରସରୁ ଖଜୁରୀ ଗୁଡ ପ୍ରସ୍ତୁତ ହେଉଥିଲା। ଲୋକେ ତାଜା ଗୁଡ଼ ଖାଇବାକୁ ପାଉଥିବାବେଳେ ଏହା ଛୁଆଠୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ଆଦର ଥିଲା। ଖଜୁରୀ ଗଛରେ ବନ୍ଧା ହୋଇଥିବା ହାଣ୍ଡିକୁ ତଳକୁ ଆଣି ସେଥିରେ ସଂଗୃହୀତ ରସକୁ ଗୁଡ଼ଶାଳ ଚୁଲିରେ ବଡ଼ ବଡ଼ କଢ଼େଇରେ ଆସ୍ତେ ଆସ୍ତେ ଗରମ କରାଯାଇ ଏହା ପ୍ରସ୍ତୁତ କରାଯାଇଥାଏ।

ପୂର୍ବରୁ କେତେକ ପରିବାରରେ ସପରିବାର ଏହି ବ୍ୟବସାୟରେ ନିୟୋଜିତ ହେଉଥିବାବେଳେ ଏବେ ଏହି ଗୁଡ ପ୍ରସ୍ତୁତ କରିବା ସେମାନେ ଛାଡି ଦେଲେଣି। ଏହି ଗୁଡ଼କୁ ବୃତ୍ତାକାର ମିଠା ପରି ପ୍ରସ୍ତୁତ କରାଯାଉଥିବାବେଳେ ଏବେ ଏହା ବଦଳରେ ବଜାରକୁ ମିଠା ଆକୃତିର ଆଖୁଗୁଡ଼ ପଶି ଆସିଲାଣି। ଶୀତଦିନ ଆସିଲେ ଗୁଡ଼ ପ୍ରସ୍ତୁତକାରୀ ଖଜୁରୀ ବାହୁଙ୍ଗା ତଳେ କାଣ୍ଡକୁ ଧାରୁଆ କତାରେ ଚାଞ୍ଛି ଦିଅନ୍ତି। ଏକାଧିକ ଥର ଚାଞ୍ଛିବା ପରେ ଖଜୁରୀ ଗଛରୁ ରସ ଝରିବା ଆରମ୍ଭ କରେ। ପ୍ରଥମେ ବାହୁଙ୍ଗାରୁ ରସ ବାହାରେ। ସେଥିରୁ ଭଲ ଗୁଡ଼ ହେଉ ନ ଥିବାବେଳେ ପରେ କାଣ୍ଡ ରସ ଆସିଲେ ପ୍ରସ୍ତୁତକାରୀ ଗଛ ଚଢି ମାଠିଆ ବାନ୍ଧି ଏହାକୁ ସଂଗ୍ରହ କରିଥାନ୍ତି। ପକ୍ଷୀ ଓ ପତଙ୍ଗ ଦାଉରୁ ଏହି ରସକୁ ରକ୍ଷା କରିବା ପାଇଁ ମୁଖ୍ୟତଃ ସନ୍ଧ୍ୟା ବେଳେ ମାଠିଆ ବନ୍ଧାଯାଇ ସୂର୍ଯ୍ୟୋଦୟ ପୂର୍ବରୁ ମାଠିଆ ଖୋଲିଆଣି ରସ ସଂଗ୍ରହ କରାଯାଇଥାଏ। ସଂଗୃହୀତ ରସ କଢ଼େଇରେ ଫୁଟାଯାଇ ଗୁଡ଼ ମରାଯାଏ। ଏଥିପାଇଁ ଯଥେଷ୍ଟ ଜାଳେଣି ଲାଗୁଥିବାବେଳେ ରସ ଫୁଟି ଫୁଟି ଜଳୀୟ ଅଂଶ ଶୁଖିଗଲା ପରେ ଗୁଡ଼ ପ୍ରସ୍ତୁତ ହୋଇଥାଏ। ଏହି ଗୁଡ଼ର ଚାହିଦା ଏତେ ମାତ୍ରାରେ ଥାଏ ଯେ, ଗୁଡ଼ ପ୍ରସ୍ତୁତ ହେବା କ୍ଷଣି ସେହି ଶାଳ ନିକଟରେ ହିଁ ଗୁଡ଼ ବିକ୍ରି ହୋଇଯାଇଥାଏ। ବଳକା ଗୁଡ଼ ନିକଟସ୍ଥ ହାଟ ବଜାରରେ ବିକ୍ରି ହୋଇଥାଏ। ଏହି ବ୍ୟବସାୟ ହ୍ରାସ ପାଉଥିବା ସମ୍ପର୍କରେ ଗୁଡ଼ ପ୍ରସ୍ତୁତକାରୀ ନାରାୟଣ ନାଏକ କୁହନ୍ତି, ବିଶେଷକରି ଶୀତଦିନେ ରସ ସଂଗ୍ରହ ହେଉଥିବାରୁ ଶୀତ ସକାଳରେ ଗଛ ଚଢି ରସ ସଂଗ୍ରହ କରିବା କଷ୍ଟକର କାମ। ବର୍ତ୍ତମାନ ସମୟରେ ଶ୍ରମିକ ଅଭାବ ସହିତ ଚଢା ମଜୁରି ଓ ଜାଳେଣୀର ଅଭାବ ପାଇଁ ଖଜୁରୀ ଗୁଡ଼ ପ୍ରସ୍ତୁତ କଷ୍ଟସାଧ ହୋଇପଡ଼ିଲାଣି। ପୂର୍ବରୁ ଏହି ଗୁଡ଼ କିଲୋ ପ୍ରତି ୨୫ ଟଙ୍କାରୁ ୩୦ଟଙ୍କା ଥିବାବେଳେ ଏବେ ଏହା ୧୦୦ ଟଙ୍କା ପାଖାପାଖି ଦରରେ ବିକ୍ରି ହେଉଛି। ଏହାଛଡ଼ା ଲୋକମାନେ ଘର ବାଡିରୁ ଖଜୁରୀ ଗଛ କାଟି ପକାଇଲେଣି। ଦୂରକୁ ଯାଇ ରସ ସଂଗ୍ରହ କରିବା କଷ୍ଟ ଓ ସମୟ ସାଧ ହୋଇଥିବାରୁ ଯୁବ ସମାଜ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏତଦବ୍ୟତୀତ ରସ ଅଧିକ ସମୟ ମାଠିଆରେ ରହିଲେ, ତାହା ଖଟା ହୋଇଯାଉଥିବାରୁ ସେଥିରୁ ଭଲ ଗୁଡ଼ ପ୍ରସ୍ତୁତ ହୋଇପାରୁନାହିଁ। ସମବାୟ ସମିତି ଜରିଆରେ ତାଳ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାର ପ୍ରୋତ୍ସାହନ ଦିଆଯାଉଥିବାବେଳେ ଖଜୁରୀ ଗୁଡ଼ ପାଇଁ ସେପରି କିଛି ବ୍ୟବସ୍ଥା ନ ଥିବାରୁ ଆଉ କିଛିଦିନ ପରେ ଏହା ଦେଖିବାକୁ ସ୍ୱପ୍ନ ହେବ ବୋଲି ପ୍ରସ୍ତୁତକାରୀ ପ୍ରକାଶ କରିଛନ୍ତି। ଆଖୁ ଗୁଡ଼ ଓ ଚିନିର ବିକଳ୍ପ ଭାବେ ପୂର୍ବରୁ ଏହି ଗୁଡ଼ ବହୁ ପରିମାଣରେ ବ୍ୟବହୃତ ହେଉଥିବାବେଳେ ଏବେ ଏହି ଗୁଡକୁ ନେଇ ଜୀବିକା ନିର୍ବାହ କରିବା ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି। ତେଣୁ ସମବାୟ ସମିତି ଜରିଆରେ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ଏହା ମିଠାର ଚାହିଦା ପୂରଣ କରିବା ସହିତ ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୁଅନ୍ତା। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



